# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 December – 2025

*******************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ-ରୋଜଗାର ଓ ଜୀବିକା ପାଇଁ ଗ୍ୟାରେଣ୍ଟି ଅଭିଯାନ ବିଲ୍ ୨୦୨୫ ଆଜି ଲୋକସଭାରେ ଆଗତ

— ହିତାଧିକାରୀଙ୍କୁ ମିଳିବ ବାର୍ଷିକ ୧୨୫ ଦିନର କାମ

- ଫାର୍ମାଶିଳ୍ପର ଅଭିବୃଦ୍ଧି ପାଇଁ ସମସ୍ତ ସହଯୋଗ ପ୍ରଦାନ କରିବେ କେନ୍ଦ୍ର ଓ ରାଜ୍ୟ ସରକାର

— ଓଡ଼ିଶା ଔଷଧ ଓ ଚିକିତ୍ସା ଉପକରଣ ନୀତି-୨୦୨୫ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ୧୯୭୧ ଯୁଦ୍ଧରେ ପାକିସ୍ତାନ ଉପରେ ଭାରତର ବିଜୟକୁ ସ୍ମରଣ କରି ପାଳନ କରାଯାଉଛି ବିଜୟ ଦିବସ

ଏବଂ

- ପୁରୀ ଶ୍ରୀମନ୍ଦିରରେ ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଆଜିଠାରୁ ହେଲା ଆରମ୍ଭ

## ମନରେଗା-ଜି ରାମ ଜି

ଦୁଇ ଦଶନ୍ଧି ପୁରୁଣା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା-ଏମ୍.ଜି.ଏନ୍.ଆର.ଇ.ଜି.ଏସ୍.ରେ ବ୍ୟାପକ ପରିବର୍ତ୍ତନ କରାଯାଇ ବିକଶିତ ଭାରତ-ରୋଜଗାର ଓ ଜୀବିକା ପାଇଁ ଗ୍ୟାରେଣ୍ଟି ଅଭିଯାନ-**VB-G. RAM. G** ବିଲ୍ ୨୦୨୫ ଲୋକସଭାରେ ଆଜି ଆଗତ ହୋଇଛି। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ ବିଲ୍‌କୁ ଆଗତ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ଏହି ନୂଆ ବିଲ୍ ସେହି ଦିଗରେ ସହାୟକ ହେବ।

ବିଲ୍ ଅନୁଯାୟୀ, ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ବର୍ଷକୁ ୧୨୫ ଦିନର ବେତନ ଆଧାରିତ କାମ ପ୍ରଦାନ କରାଯିବ। ଏମ୍.ଜି.ଏନ୍.ଆର.ଇ.ଜି.ଏସ୍.ରେ ବର୍ଷକୁ ୧୦୦ ଦିନର କାମ ଦିଆଯାଉଥିଲା। ପ୍ରସ୍ତାବିତ ବିଲ୍‌ରେ ସରକାର ୪ଟି ବିଷୟ ଉପରେ ଗୁରୁତ୍ୱ ଦେଇଛନ୍ତି। ସେଗୁଡ଼ିକ ହେଲା- ଜଳ ସୁରକ୍ଷା, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ସଂକ୍ରାନ୍ତ ଭିତ୍ତିଭୂମି ଓ ଖରାପ ପାଣିପାଗ ଘଟଣାକ୍ରମରେ ପ୍ରଶମନ ଲାଗି ସ୍ୱତନ୍ତ୍ର କାର୍ଯ୍ୟ। କେନ୍ଦ୍ର ସରକାର ନୂଆ ଯୋଜନାର ୬୦ ପ୍ରତିଶତ ବ୍ୟୟ ବହନ କରିବେ। ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ଅବଶିଷ୍ଟ ୪୦ ପ୍ରତିଶତ ବ୍ୟୟ ବହନ କରିବେ। ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜମ୍ମୁ-

କାଶ୍ମୀର ଆଦି ହିମାଳୟ ପରିବେଷ୍ଟିତ ରାଜ୍ୟଗୁଡ଼ିକ ଯୋଜନା ପାଣ୍ଠିର ୧୦ ପ୍ରତିଶତ ଦେବେ। ଅବଶିଷ୍ଟ ୯୦ ପ୍ରତିଶତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ।

## ଫାର୍ମା ସମ୍ମିଳନୀ

ଔଷଧ ଏବଂ ଚିକିତ୍ସା ଉପକରଣ ନିର୍ମାତା, ଷ୍ଟାର୍ଟଅପ୍ ଉଦ୍‌ଭାବକ ଏବଂ ଅଂଶୀଦାରମାନଙ୍କୁ ନେଇ ଭୁବନେଶ୍ୱରଠାରେ ଆଜି ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାର ଫାର୍ମା ଶିଳ୍ପର ସହଯୋଗ ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ। ଫାର୍ମା ଏବଂ ମେଡିକାଲ ଡିଭାଇସ୍ କ୍ଷେତ୍ରରେ ନୂତନ ପୁଞ୍ଜି ବିନିଯୋଗ ସହ ରାଜ୍ୟର ଯୁବପିଢ଼ିଙ୍କ ପାଇଁ ନୂତନ ରୋଜଗାରର ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ମାଝୀ କହିଛନ୍ତି।

**- V/O - (ମୁଖ୍ୟମନ୍ତ୍ରୀ)**

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଖଣିଜ ସମେତ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ଲାଗି ଅନୁକୂଳ ପରିବେଶ ସୃଷ୍ଟି କରାଯାଇଛି। ସାରା ବିଶ୍ୱକୁ ଭାରତ ଔଷଧ ଏବଂ ମେଡିକାଲ ଉପକରଣ ଯୋଗାଣ କରୁଛି। ଓଡ଼ିଶାର ମେଡିକାଲ ଇକୋ-ସିଷ୍ଟମକୁ ସମ୍ପୂର୍ଣ୍ଣ ଭାବେ ଉଦ୍ୟୋଗ ଅନୁକୂଳ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟର ପ୍ରଶିକ୍ଷିତ

ମାନବସମ୍ବଳ ସମସ୍ତ କ୍ଷେତ୍ରରେ ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଗ୍ରହଣ କରାଯାଇଥିବା ଯୋଜନାଗୁଡ଼ିକରେ ସାମିଲ ହୋଇଛନ୍ତି। ବ୍ୟବସାୟରେ ସହଜତା ନେଇ କେତେକ ନୀତିରେ ପରିବର୍ତ୍ତନ କରାଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଏହି ଅବସରରେ ନୟାଗଡ଼ଠାରେ ଫାର୍ମାସିଉଟିକାଲ ଫାର୍ମ ଓ ଖୋର୍ଦ୍ଧାଠାରେ ମେଡିକାଲ ଡିଭାଇସ୍ ପାର୍କ, ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି ୨୦୨୫ର ଉନ୍ମୋଚନ ସହ ଫାର୍ମାସ୍ୟୁଟିକାଲ ଓ ମେଡ଼ିକାଲ ଡିଭାଇସ ପାର୍କର ଶୁଭାରମ୍ଭ ହୋଇଛି। ସମ୍ମିଳନୀରେ ୨୦୦ରୁ ଅଧିକ ଶିଳ୍ପପତି ଯୋଗଦେବା ସହ ଏକାଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡିଛି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ  କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି.....

**- V/O - (**ସମ୍ପଦ ଚନ୍ଦ୍ର ସ୍ୱାଇଁ)

## ବିଜୟ ସ୍ମୃତିଚାରଣ

୧୯୭୧ ମସିହା ଯୁଦ୍ଧରେ ପାକିସ୍ତାନ ଉପରେ ଭାରତ ବିଜୟର ସ୍ମୃତିଚାରଣ ଅବସରରେ ଆଜି ଦେଶବ୍ୟାପୀ ବିଜୟ ଦିବସ ପାଳନ କରାଯାଉଛି। ସେହି ବର୍ଷ ଡିସେମ୍ବର ୩ ତାରିଖରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଦୀର୍ଘ ୧୩ ଦିନ ଧରି ଚାଲିଥିଲା। ଡିସେମ୍ବର ୧୬ ତାରିଖରେ ଭାରତ ଏହି ଯୁଦ୍ଧରେ ବିଜୟ ଲାଭ କରିଥିଲା। ପାକିସ୍ତାନ କବଳରୁ ପୂର୍ବ ପାକିସ୍ତାନ ମୁକ୍ତ ହୋଇ ସ୍ୱାଧୀନ ବାଂଲାଦେଶ ରାଷ୍ଟ୍ର ଗଠିତ ହୋଇଥିଲା।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ବିଜୟ ଦିବସରେ ବୀର ଯବାନମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ସେନାଙ୍କ ସାହସ, ପରାକ୍ରମ ଓ ମାତୃଭୂମି ପ୍ରତି ଅନନ୍ୟ ନିଷ୍ଠା ସର୍ବଦା ରାଷ୍ଟ୍ରକୁ ଗୌରବାନ୍ୱିତ କରିଆସିଛି। ଭାରତୀୟ ସେନାର 'ସ୍ୱଦେଶୀକରଣ ଦ୍ୱାରା ସଶକ୍ତୀକରଣ' ପଦକ୍ଷେପ ଭବିଷ୍ୟତର ପ୍ରତିବନ୍ଧକ ପାଇଁ ପ୍ରସ୍ତୁତ ରହିବାର ଦୃଢ଼ ସଂକଳ୍ପକୁ ପ୍ରତିଫଳିତ କରେ। ଅପରେସନ୍ ସିନ୍ଦୂରରେ ସେନାର ଆତ୍ମନିର୍ଭରତା, ସାମରିକ ଦୃଢ଼ତା ଏବଂ ଆଧୁନିକ ଯୁଦ୍ଧ ଶୈଳୀର ବ୍ୟବହାର ସମଗ୍ର ରାଷ୍ଟ୍ର ପାଇଁ ପ୍ରେରଣା ପାଲଟିଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ବିଜୟ ଦିବସ ଉପଲକ୍ଷେ ଭାରତୀୟ ଯବାନଙ୍କ ସାହସ, ସୌର୍ଯ୍ୟ ଏବଂ ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରିଛନ୍ତି। ଭାରତୀୟ ସୈନିକଙ୍କ ଅଦମ୍ୟ ସାହସ ଓ ବଳିଦାନ ଏହି ଐତିହାସିକ ବିଜୟକୁ ସୁନିଶ୍ଚିତ କରିଥିଲା। ସେନାର ଦୃଢ଼ ସଂକଳ୍ପ ଓ ସେବା ରାଷ୍ଟ୍ରକୁ ସୁରକ୍ଷିତ କରିବା ସହ ଇତିହାସରେ ଏକ ନୂତନ ଫର୍ଦ୍ଦ ଯୋଡିଥିଲା, ଯାହା ପିଢ଼ି ପରେ ପିଢ଼ି ଭାରତୀୟଙ୍କୁ ପ୍ରେରଣା ଯୋଗାଇ ଆସୁଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି।

## ଧନୁ ସଂକ୍ରାନ୍ତି

ଓଡ଼ିଆ ପରମ୍ପରା ଓ ଜଗନ୍ନାଥ ସଂସ୍କୃତି ଅନୁଯାୟୀ, ଆଜି ଧନୁସଂକ୍ରାନ୍ତି ପାଳନ କରାଯାଉଛି। ସୂର୍ଯ୍ୟ ଆଜି ବିଛା ରାଶିରୁ ଧନୁ ରାଶିରେ ପ୍ରବେଶ

କରିଛନ୍ତି । **ପୁରୀ** ଶ୍ରୀମନ୍ଦିରରେ ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କ ପହିଲିଭୋଗ ନୀତି ଆରମ୍ଭ ହୋଇଛି । ପରମ୍ପରା ଅନୁଯାୟୀ, ଆଜିଠାରୁ ମାସକ ପର୍ଯ୍ୟନ୍ତ ମା'ଲକ୍ଷ୍ମୀ ବାପଘରକୁ ଯାଇଥିବାରୁ ଏହି ସମୟରେ ମା' ଯଶୋଦା ମହାପ୍ରଭୁଙ୍କ ନିମନ୍ତେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ପହିଲି ଭୋଗରେ ମହାପ୍ରଭୁଙ୍କୁ ବିରି, ଗହମ ଚୁନା, ଘୃତ ପାଗ ହୋଇଥିବା ପିଠା ଓ ଧନୁମୁଆଁ ଲାଗି କରାଯାଇଥାଏ । ଗୋପାଳବଲ୍ଲଭ ନୀତିରେ ପହିଲିଭୋଗ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରାଯାଇଥାଏ ।

ଧନୁ ସଂକ୍ରାନ୍ତି ଅବସରରେ **ନୟାଗଡ଼** ଜିଲ୍ଲା କଣ୍ଟିଲୋ ନୀଳମାଧବଜୀଉଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଛି । ଭୋର ସମୟରୁ ମନ୍ଦିର ଫିଟାଯାଇ ଶୋଧ ହେବା ପରେ ମଙ୍ଗଳ ଆଳତି କରାଯାଇଥିଲା । ମଇଲମ, ତଡପଲାଗି ଓ ଅନ୍ୟାନ୍ୟ ନୀତି ପରେ ସକାଳ ୬ଟା ସୁଦ୍ଧା ପହିଲି ଭୋଗ ନୀତି ସମ୍ପନ୍ନ କରାଯାଇଥିଲା । ସକାଳ ୮ଟାରେ ଭକ୍ତମାନେ ସାହାଣମେଲା ଦର୍ଶନ କରିଥିଲେ ।

ପହିଲିଭୋଗ ନିମନ୍ତେ ଶ୍ରୀଜୀଉଙ୍କ ନିକଟରେ ସ୍ୱତନ୍ତ୍ର ପିଠା ଭୋଗ ଲାଗି କରାଯାଇଛି । ଶ୍ରୀଜୀଉଙ୍କ ଚାଷ ଜମିରୁ ଅମଳ ନୂଆ ଧାନରୁ ପ୍ରସ୍ତୁତ ଲିଆରେ ମୁଆଁ ପ୍ରସ୍ତୁତ ହୋଇଥାଏ । ଧନୁସଂକ୍ରାନ୍ତିରୁ ମକରସଂକ୍ରାନ୍ତିର ପୂର୍ବଦିନ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ପାଖରେ ପହିଲି ଭୋଗ ଲାଗି ହୋଇଥାଏ ।

## ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଦିନିକିଆ ବ୍ରହ୍ମପୁର ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ବ୍ରହ୍ମପୁର ରାମଲିଙ୍ଗମ୍ ଛକ ନିକଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ପରେ ନୀଳକଣ୍ଠ ନଗର ଶିଶୁମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ଏଥିପାଇଁ ବ୍ରହ୍ମପୁର ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ମାର୍ଗଦର୍ଶିକା ଜାରି କରାଯାଇଛି । ହଳଦିଆପଦର ପଟୁ, ଅନ୍ଧପସରା ଛକ ଅଭିମୁଖେ ଭାରିଯାନ ଯାତାୟାତ ବନ୍ଦ କରାଯିବା ସହ ଗିରିଜାଛକ ପଟୁ ରାମଲିଙ୍ଗେଶ୍ୱର ଛକ ଆଡକୁ ନଯାଇ ଯାନବାହନ କର୍ପୋରେସନ ରୋଡ଼ ପଟକୁ ଯିବା ନିମନ୍ତେ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତାକାଲି ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଟ୍ରାଫିକ ନିର୍ଦ୍ଦେଶାବଳୀ ବଳବତ୍ତର ରହିବ ।

## ଧାନ ସଂଗ୍ରହ

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭ଟି ମଣ୍ଡି ଖୋଲାଯାଇ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ବରଗଡ଼ ଜିଲ୍ଲାରେ ସର୍ବାଧିକ ୬୪ ହଜାର ୬୫୨ ମେଟ୍ରିକ୍ ଟନ୍ ଧାନ

ସଂଗ୍ରହ କରାଯାଇଛି।  ସବୁ ସ୍ଥାନରେ ଟୋକନ୍ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀ ଆନ୍ଦୋଳନ ସମ୍ପର୍କରେ ତଦାରଖ କରିବା ପାଇଁ ଜିଲ୍ଲାପାଳ ଓ ଅଧିକାରୀ ମାନଙ୍କୁ ପରାମର୍ଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି।

# କୃଷି ବିଦ୍ୟାନିଧି ଯୋଜନା

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ସିଏମ୍-କିଷାନ୍ ଯୋଜନା ଅଧୀନରେ ଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ସନ୍ତାନସନ୍ତତିଙ୍କ ଉଚ୍ଚଶିକ୍ଷା ସ୍ୱପ୍ନକୁ ସୁଗମ କରିବା ପାଇଁ କୃଷି ବିଦ୍ୟାନିଧି ଯୋଜନାରେ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି।

ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରେ କୃଷି ବିଦ୍ୟାନିଧି ଯୋଜନାର ଅନ୍‌ଲାଇନ୍ ଆବେଦନ ସମୟସୀମା ଅକ୍ଟୋବର ୧୫ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ରଖାଯାଇଥିଲା। ଆବେଦନ ସମୟସୀମା ଅତିକ୍ରାନ୍ତ ପରେ ମଧ୍ୟ ବହୁସଂଖ୍ୟକ ଛାତ୍ରଛାତ୍ରୀଙ୍କ ଅନୁରୋଧକ୍ରମେ ବିଭାଗ ପକ୍ଷରୁ ଅନ୍‌ଲାଇନ୍ ଆବେଦନ ଓ ଯାଞ୍ଚ ପ୍ରକ୍ରିୟାର ଅବଧିକୁ ବୃଦ୍ଧି କରାଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ ଆସନ୍ତା ୨୦ ତାରିଖ ରଖାଯାଇଛି। ସେହିଭଳି ଶିକ୍ଷାନୁଷ୍ଠାନ ସ୍ତରରେ ଆବେଦନପତ୍ରର ଯାଞ୍ଚ ଶେଷ ତାରିଖ ଆସନ୍ତା ୨୫ ତାରିଖ ରଖାଯାଇଛି।

ଜିଲ୍ଲା ସ୍ତରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀମାନେ ଆସନ୍ତା ବର୍ଷ ଜାନୁୟାରୀ ୨୫ ତାରିଖ ସୁଦ୍ଧା ଆବେଦନଗୁଡ଼ିକର ଅନୁମୋଦନ କରି ରାଜ୍ୟ ସ୍ତରରେ ଛାତ୍ରବୃତ୍ତି ପ୍ରଦାନ ନିମନ୍ତେ ଉପସ୍ଥାପନ କରିବେ। ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ କୃଷି ବିଦ୍ୟାନିଧି ଯୋଜନାର ସୁଯୋଗ ନେବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।